# ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ ରକ୍ତଦାନ ଶିବିର



ବିଜେପୁର, ୧୮।୧(ସମିସ): ବିଶିଷ୍ଟ ମୁକ୍ତି ସଂଗ୍ରାମୀ ତଥା ସେବା ଓ ତ୍ୟାଗର ପ୍ରତୀକ 'ବହ୍ନି କନ୍ୟା' ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ବରଗଡ଼ ଜିଲ୍ଲା ବିଜେପୁର ସ୍ଥିତ ଏସ୍ଏଚ୍‌ଜି ଭବନ ଠାରେ ରକ୍ତଦାନ ଶିବିର ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏବଂ ପଞ୍ଚାୟତ ସମିତି ବିଜେପୁର ପକ୍ଷରୁ ଶିବିରର ଆୟୋଜନ କରାଯାଇଥିଲା। ଓଡ଼ିଶା ରକ୍ତ କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରଗଡ଼ର ରକ୍ତଭଣ୍ଡାରର କର୍ମଚାରୀ ମାନେ ଆସି ରକ୍ତ ସଂଗ୍ରହ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତୀୟା ଶିବିର ଉଦ୍‌ଘାଟନ କରିଥିଲେ। ରକ୍ତସଂଗ୍ରହ କାର୍ଯ୍ୟରେ ଜିଲ୍ଲା ରକ୍ତକୋଷର ଡାକ୍ତର ଓ କର୍ମଚାରୀମାନେ ସହଯୋଗ କରିଥିଲେ। ସମୁଦାୟ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶେଷରେ ସମସ୍ତ ରକ୍ତଦାତାଙ୍କୁ ପ୍ରଶଂସା ପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା।

# ଅମ୍ବାଭୋନା-ଭୁକ୍ତା ମୁଖ୍ୟ ରାସ୍ତା ମରଣଯନ୍ତା

ଅମ୍ବାଭୋନା, ୧୮।୧(ସମିସ)

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଅମ୍ବାଭୋନା ଠାରୁ ଭୁକ୍ତା ମୁଖ୍ୟ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଦୁଇ ରାଜ୍ୟ ଓଡ଼ିଶା ବରଗଡ଼ରୁ ଛତିଶଗଡ଼ର ରାୟଗଡ଼ା ଓ ସାରଙ୍ଗଗଡ଼କୁ ସଂଯୋଗ କରୁଥିବା ଅମ୍ବାଭୋନା-ଭୁକ୍ତା ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ ଶହ ଶହ ସଂଖ୍ୟାରେ ଯାନବାହନ ଚଳାଚଳ ହେଉଛି। କିନ୍ତୁ ମୁଖ୍ୟ ପିଡବ୍ଲ୍ୟୁଡି ରାସ୍ତା ସଙ୍କୀର୍ଣ୍ଣ ହୋଇଥିବାରୁ ଅଧିକାଂଶ ସମୟ ଟ୍ରାଫିକ ଜାମ ହେଉଛି। ଅମ୍ବାଭୋନା ଠାରୁ ଭୁକ୍ତା କଙ୍କ୍ରିଟ ରାସ୍ତାରେ ଅଧିକ ଫାଟ ଓ ଗାତ ସୃଷ୍ଟି ହୋଇଛି। ଫଳରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନରୁ ରାସ୍ତାର ଫାଟ, ଗର୍ତ୍ତ ଓ ଭଙ୍ଗା ଅଂଶ ଯାତାୟତକୁ ଭୟଙ୍କର ରୂପ ଦେଇଛି। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଭାରୀଯାନ ସହ ଅନେକ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି ଯାତାୟତ କରୁଛନ୍ତି। ରାସ୍ତାର ଦୁରବସ୍ଥା ପ୍ରତି କାହାର ନଜର ପଡୁନଥିବା ନେଇ ସାଧାରଣ

## ମରାମତି ଦାବି

ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାର ଭଙ୍ଗୁର ଅବସ୍ଥା ଯୋଗୁଁ ଦୁର୍ଘଟଣା ଘଟୁଥିବା ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ବିଶେଷ କରି ଅମ୍ବାଭୋନା, ଲୁଦୁପାଳି, କଣ୍ଡିପାଳି, ଭୁକ୍ତା ଓ ପ୍ରକାଶପୁର ଗାଁ ମୁଖ୍ୟରାସ୍ତାରେ ଅନେକ ଅଂଶ ଜର୍ଜରିତ ହୋଇପଡ଼ିଛି। ଖାଲଖମାରେ ଭରି ରହିଥିବା ଏହି ରାସ୍ତାରେ ପ୍ରତିଦିନ ଛାତ୍ରଛାତ୍ରୀ, ବୃଦ୍ଧ, ରୋଗୀ ଓ ସାଧାରଣ ଲୋକେ ମଧ୍ୟ ଯାତ୍ରା କରିଥାନ୍ତି। ଏହି ରାସ୍ତା ଦେଇ ବରଗଡ଼ରୁ ଛତିଶଗଡ଼ର ରାୟଗଡ଼, ସାରଙ୍ଗଗଡ଼, ବିଳାସପୁର ଆଦି ଅଞ୍ଚଳକୁ ଘରୋଇ ବସ ଚଳାଚଳ କରିବା ସଙ୍ଗେ ବ୍ୟବସାୟ ପାଇଁ ମଧ୍ୟ ଲୋକ ଯାତାୟତ କରିଥାନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଅମ୍ବାଭୋନା-ଭୁକ୍ତା ମୁଖ୍ୟ ପିଡବ୍ଲ୍ୟୁଡି ରାସ୍ତାର ତୁରନ୍ତ ମରାମତି ଦାବି ହୋଇଛି। ଆଗାମୀ ଦିନରେ ବାଇପାସ ରାସ୍ତା ପାଇଁ ସର୍ଭେ ସମ୍ପନ୍ନ ହୋଇଥିବା କୁହାଯାଉଛି। କିନ୍ତୁ କାର୍ଯ୍ୟାନ୍ୱୟନ ନେଇ ଏଯାଏଁ କୌଣସି ସ୍ପଷ୍ଟ ରୂପରେଖ ସାମ୍ନାକୁ ଆସି ନାହିଁ। ଶୀଘ୍ର ଏହି ରାସ୍ତାର ମରାମତି ଓ ନବନିର୍ମାଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଦେଖାଦେବ ବୋଲି ଚର୍ଚ୍ଚା ହେଉଛି।



# ଗୌଡଗାଁ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ବରଗଡ଼, ୧୮।୧(ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ ଗୌଡଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ତାରିଣୀ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ତମ୍ଭକାର ତଥା ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ କାର୍ଯର୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ଡା.ଅରୁପାନନ୍ଦ ସାହୁ, ପରିଚାଳନା କମିଟି ସଭାପତି ଦିବ୍ୟଶଙ୍କର ଦାଶ, ବିଜେପି ନେତା ସୌରୀଚରଣ ବାରିକ, ଅଧ୍ୟାପକ ସୁବୋଧ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ଦିବ୍ୟ କିଶୋର ସାହୁ, ସୁରେଶ ବାରିକ, ଲୋକେଶ୍ୱର ସା, ଡାକ୍ତର ସାହୁ, ଅଧ୍ୟାପିକା ମନିତା ପଣ୍ଡା, ବବିତା ବେହେରା, ମାମି ସାହୁ, ନିବେଦିତା ବୁଧୂ, ମାମି ପଧାନ, ଅମିତ ପଧାନ, ସୀତାରାମ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଦେବାର୍ଜନ ଭୋଇ, ରକ୍ଷାକାରୀ ସାହୁ, ଆନନ୍ଦ କଠାର, ସନ୍ତୋଷୀ ବର୍ଷକାର ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# ପୁରାତନ ଛାତ୍ରୀଙ୍କ ବନ୍ଧୁମିଳନ



ବରଗଡ଼, ୧୮।୧(ସମିସ): ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୯୮୦ ମାଟ୍ରିକ୍ ବ୍ୟାଚର ପୁରାତନ ଛାତ୍ରୀ ମାନଙ୍କ ଛତିଶଗଡ଼ ଚନ୍ଦ୍ରହାସିନୀ ମନ୍ଦିର ପ୍ରାଙ୍ଗଣରେ ବନ୍ଧୁ ମିଳନ ହୋଇଯାଇଛି। ଏହି ବନ୍ଧୁ ମିଳନ ଦ୍ୱାରା କେବେ ଦେଖା ହୋଇପାରୁ ନଥିବା ସାଙ୍ଗ ମାନେ ଏକତ୍ରିତ ହୋଇ ପଢ଼ା ଦିନର ସ୍ମୃତିକୁ ଉଜ୍ଜୀବିତ କରିଥିଲେ। ବିଳାସିନୀ ପ୍ରଧାନ ସ୍ୱରଚିତ କବିତା 'ଅନ୍ତରଙ୍ଗ ଆହ୍ୱାନ' ପାଠ କରିଥିଲେ, ଯାହା ସମସ୍ତଙ୍କ ମନକୁ ଛୁଇଁଥିଲା। ଏଥିରେ ଚନ୍ଦ୍ରକାନ୍ତୀ ମେହେର, ବିଳାସିନୀ, ଚିନ୍ମୟୀ, ସୁତପା, ଗୀତା, କାନ୍ତୀ, ନିରୁ, ସ୍ୱାନ୍ତନା, କଳ୍ପନା ପଣ୍ଡା, କଳ୍ପନା ମିଶ୍ର, ସଞ୍ଜୁ ପଣ୍ଡା, ସଞ୍ଜୁ ଷଡଙ୍ଗୀ, ଆଦି ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ଚନ୍ଦ୍ରକାନ୍ତି ମେହେର ଆୟୋଜନ କରିଥିଲେ। ଏହା ପୂର୍ବରୁ ମାଁ ଚନ୍ଦ୍ରହାସିନୀଙ୍କୁ ଜଗତର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରିବା ସହିତ ନୌକାବିହାର କରିଥିଲେ। ପ୍ରତିବର୍ଷ ଏହିପରି ବନ୍ଧୁ ମିଳନର ଆୟୋଜନ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା।

# ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାଜ୍ୟ କାୟାକଳ୍ପ ଟିମ୍

ବିଜେପୁର, ୧୮।୧(ସମିସ): ବରଗଡ଼ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଜେପୁରକୁ ରାଜ୍ୟ କାୟାକଳ୍ପ ଅନୁଧ୍ୟାନକାରୀ ଦଳ ପରିଦର୍ଶନ କରିଥିଲେ। ଟିମ୍‌ର ମୁଖ୍ୟ ଅତିରିକ୍ତ ଟିବି ନିର୍ଦ୍ଦେଶକ ଡ.ଆରୋଗ୍ୟ ପ୍ରଧାନଙ୍କ ସମେତ ପିପିପି ପରାମର୍ଶଦାତା ସନ୍ତୋଷ ନାୟକ, ଏସଟିଏଲନିପି ଦିପକ ବିଶ୍ୱାଳ, ଏଏମକ୍ୟୁଏ ଦିପାଞ୍ଜଳୀ ପଧାନ ପ୍ରମୁଖ ପରିଦର୍ଶନରେ ଆସିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା ଏବଂ ସମସ୍ତ ବିଭାଗ ଯଥା ପରୀକ୍ଷାଗାର, ଔଷଧ ବିତରଣ କେନ୍ଦ୍ର, ଲେବର ରୁମ୍, ବିଏମଡବ୍ଲୁ କାର୍ଯ୍ୟକ୍ରମ,



ସୂଚନା, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରସାରଣ ଇତ୍ୟାଦି ପ୍ରମୁଖ ବିଭାଗ ବୁଲି ଗୁଣବତ୍ତା ତର୍ଜମା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏଚଓ ଡ.ସୁଶାନ୍ତ ମେହେରଙ୍କ ତତ୍ତ୍ୱାବଧାନରେ ଡ.ସୁଦିପ୍ତ ପଧାନ, ଡ.ରସ୍ମିତା ମେହେର, ଡ.ପ୍ରଜ୍ଞା ପରିମିତା ପାତ୍ର, ଡ.ଲିଙ୍ଗରାଜ ଦାଶ, ଡ.ଉମାଶ୍ରୀ ପଧାନ ଏବଂ ଡ.ରଞ୍ଜନ ମହାନନ୍ଦ ରାଜ୍ୟ କାୟାକଳ୍ପ ଦଳଙ୍କୁ ସହଯୋଗ କରିଥିଲେ। ବିପିଏମ ବିଜୟ ସରାଫ, ବ୍ଲକ ଆକାଉଣ୍ଟ ମ୍ୟାନେଜର ବାଳ ଗୋପାଳ ପଣ୍ଡା, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ନବ ବାରିକ, ବିଡିଏମ ନାରାୟଣ ପାଢ଼ୀ, ଏମଆରଏ କ୍ଷୀରୋଦ୍ର ସାହୁ, ଏସଟିଏସ ଦେବାଶିଷ ଦେବତା, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା କବିତାଞ୍ଜଳୀ ଦାଶ, ମ୍ୟାଲେରିଆ ସୁପରଭାଇଜର ପଙ୍କଜ ମେହେର, ବ୍ଲକ ନୋଡାଲ ଲେପ୍ରୋସି ୱାର୍କର ଅମିତ ସାହୁ, ନର୍ସିଂ ଅଫିସର କମଳିନୀ ସାହୁ, ଡୋଲାମଣୀ ସାହୁ, କାବ୍ୟକାନ୍ତୀ ଗିରି, ସୁଭଦ୍ରା ମହାନ୍ତି, ଫାର୍ମାସିଷ୍ଟ ଅଫିସର ଚିନ୍ମୟୀ ମେହେର, ବିଜିତା ମିଶ୍ର, ମହେଶ ପଧାନ, ସୌରଭ ମେହେର ଏବଂ ଏଲଟି ପ୍ରଦୀପ ରାଉତ, ବାସନ୍ତୀ ବାରିକ, ଅନିତା ବିଶି, କ୍ଷେତ୍ରବାସୀ ସାହୁ, ମନୋଜ ପଧାନ, କୁନା ମେହେର, ଦିପକ, ପୁଷ୍ପକ, ରୀନା, ସବିତା, ସନ୍ଧ୍ୟା, ପୁଷ୍ପା, ଚନ୍ଦନ, ଅଜିତ, ଜିତେନ୍ ତଥା ଟିବି ଚାମ୍ପିଅନ ଏବଂ ଆଶାକର୍ମୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପାଇକମାଲ ହାଇସ୍କୁଲରେ ଅଭିଭାବକ ବୈଠକ

ପାଇକମାଲ, ୧୮।୧(ସମିସ): ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ବୈଠକ ପ୍ରଧାନଶିକ୍ଷକ ଡ.ଦ୍ୱାଦଶ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନିରୁପମା



ସାହୁ, ସୁଧିର ପଟେଲ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବୈଠକରେ ୮୮ ଜଣ ଅଭିଭାବକ ଅଭିଭାବିକା ଯୋଗ ଦେଇଥିବା ବେଳେ ରଜତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ଶୈକ୍ଷିକ ବାତାବରଣ ବିଷୟରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷା ନିମନ୍ତେ ପ୍ରଥମେ ସ୍ୱାସ୍ଥ୍ୟକୁ ଭଲରଖିବା, ପରୀକ୍ଷାରେ ଏ ୱାନ କିପରି ଛାତ୍ର ଛାତ୍ରୀ ପାଇପାରିବେ, ପଢ଼ିବା ଗଢ଼ିବା ଓଡ଼ିଶା ପଠନ ପ୍ରୋତ୍ସାହନ ଅଭିଯାନ, ଡିଜିଟାଲ ଶିକ୍ଷା ବିଷୟରେ ଆଲୋଚନା, ପରୀକ୍ଷା ପେ ଚର୍ଚ୍ଚା ଆଦି ବିଷୟରେ ଆଲୋଚନା କରିଥିଲେ। ଅଭିଭାବକ ଅଭିଭାବିକ ମାନଙ୍କ ଠାରୁ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଭିନ୍ନ ଗଠନ ମୂଳକ ମତାମତ ପ୍ରଦାନ କରିଥିଲେ। ସୁଦାମ ପାଣ୍ଡେ, ବବିତା ବେହେରା, ଯଶୋବନ୍ତ ସାହା, ଛବିଳ ସେଠ୍, ଲଳିତ ସାହୁ, ଦୟାନିଧି ସାହୁ, ସ୍ୱାଧୀନ ବେହେରା, ଶିବମ ନାୟକ ସହଯୋଗ କରିଥିଲେ ଏବଂ ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ମାଣ୍ଡୋସିଲ ପିଏମ୍‌ଶ୍ରୀ ହାଇସ୍କୁଲରେ 'ପଢ଼ିବା ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ

ପାଇକମାଲ, ୧୮।୧(ସମିସ): ପାଇକମାଲ ବ୍ଲକ ମାଣ୍ଡୋସିଲ ପିଏମଶ୍ରୀ ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେଙ୍କ ସଭାପତିତ୍ୱ 'ପଢ଼ିବା ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ



ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଗଙ୍ଗାଧର ରଣା ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରାଧେଶ୍ୟାମ ପଟେଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୁଷ୍ପାଞ୍ଜଳୀ କାରେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମୌଖିକ ଭାଷାରେ ବିକାଶ, ପଠନ ଦକ୍ଷତା ବୃଦ୍ଧି ଏବଂ ଲେଖନୀ ମାଧ୍ୟମରେ ଭାବ ପ୍ରକାଶ କରିବାର ଦକ୍ଷତା ବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ନରହରି ସିଂ ସଭା ପରିଚାଳନା କରିଥିଲେ। ଏଥିରେ ଶିକ୍ଷକ କ୍ରିଷ୍ଣା ବାଗ, ଅଭିଜିତ ରାଏ, ବିକ୍ରମ ସିଂ, ଅର୍ଜୁନ ଜେନା, ଶଙ୍କରଲାଲ ମହାନନ୍ଦ, ପଦ୍ମଲୋଚନ ମାଝୀ, ସାଲୋନୀ ପ୍ରିୟଦର୍ଶିନୀ ସେଠ, ସଂଘମିତ୍ରା ବେହେରା, କଲ୍ୟାଣୀ ଦନ୍ତା, ନରେଶ ଧାକଡ୍, ଚିତ୍ତରଞ୍ଜନ ସାହା, ଡାଳିମ୍ବ ଧାରୁଆ, ଆହ୍ଲାଦିନୀ ବଡ଼େଇ, ଅରୁଣ ପାତ୍ର, ଶ୍ରୀନିବାସ ରାଓ, ସଦାନନ୍ଦ ଭୋଇ, ନୀଳମଣି ପୁଟା, ସବିତା ସାହୁ, ବାଞ୍ଛାନିଧି ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ନୀଳମଣି ବରିହା ଧନ୍ୟବାଦ ଦେଇଥିଲେ।

# ନାଗେନମାଲରେ ଜଳ ବିଭାଜିକା ମହୋତ୍ସବ



ବରଗଡ଼, ୧୮।୧(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକର ଚାରପାଲି ପଞ୍ଚାୟତ ନାଗେନମାଲରେ ଜଳ ବିଭାଜିକା ମହୋତ୍ସବରେ ସମ୍ପନ୍ନ ହୋଇଛି। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ମାଧ୍ୟମରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧିନରେ ଆୟୋଜିତ କାର୍ଯ୍ୟକ୍ରମ ସୁକ୍ଷେଣ ମିର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଗୋବର୍ଦ୍ଧନ ଭୂଏ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସାହୁ, ମକରଧ୍ୱଜ ବଗାର, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର, ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପ୍ରଧାନ, ଗୋଷ୍ଠୀ ପ୍ରାଣୀ ଅଧିକାରୀ ଡ.ନାଏକ, ସରକାରୀ ମତ୍ସ୍ୟ ଅଧିକାରୀ ସୌମ୍ୟା ପ୍ରିୟଦର୍ଶିନୀ ପଣ୍ଡା, ସରକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ସୌଭାଗିନୀ ବେହେରା, ସୁଗାତା ମିଶ୍ର, ପ୍ରମୁଖ ବହୁ ବିଶିଷ୍ଟ ଅଧିକାରୀ ଯୋଗ ଦେଇଥିଲେ। ବିଶ୍ୱଜିତ ରାଉତ ସଭା ପରିଚାଳନା କରିଥିଲେ। ବୃକ୍ଷରୋପଣ, ଶ୍ରମଦାନ, ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପର ଲୋକାର୍ପଣ ଏବଂ ନୂତନ ପ୍ରକଳ୍ପର ଭୂମି ପୂଜନ ହୋଇଥିଲା। ପଥପ୍ରାନ୍ତ ନାଟକ, ଘୁମୁରା ନୃତ୍ୟ ଓ ଗୀତ ମାଧ୍ୟମରେ ଜଳ ବିଭାଜିକାର ବିଭିନ୍ନ ଯୋଜନା ବିଷୟରେ ଲୋକମାନଙ୍କୁ ସଚେତନ କରିଥିଲେ। ଅତିଥିମାନେ ଆଧୁନିକ ଚାଷ ପ୍ରଣାଳୀ, ମୃତ୍ତିକା ବିଶ୍ଳେଷଣର ଆବଶ୍ୟକତା ଏବଂ ଜଳ ଓ ପ୍ରାକୃତିକ ସମ୍ପଦର ବ୍ୟବହାର ଉପରେ ଗୁରୁତ୍ୱ ଦେଇ କିପରି ଚାଷୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସି ପାରିବ ସେ ବିଷୟରେ ଦିଗଦର୍ଶନ ଦେଇଥିଲେ। ଜଳ ବିଭାଜିକା ତଥ୍ୟକୁ ଅନୁସରଣ କରି ଚାଷର ସଫଳ ହୋଇଥିବା ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ବିଭିନ୍ନ ବିଭାଗରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଶ୍ୱଜିତ ରାଉତ ଧନ୍ୟବାଦ ଦେଇଥିଲେ।

# ଯାଦବ ସମାଜର ବାର୍ଷିକ ଉତ୍ସବ

ପାଇକମାଲ, ୧୮।୧(ସମିସ): ପାଇକମାଲ ବ୍ଲକ ପିପଲଖୁଣ୍ଟା ଗାଁରେ ମିଠାପାଲି ପଞ୍ଚାୟତ ଯାଦବ ସମାଜର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ମିଠାପାଲି ପଞ୍ଚାୟତ ସଭାପତି ଟିକିଲାଲ ମାହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ



ନୃସିଂହନାଥ ସମ୍ବଲେଶ୍ୱରୀ ମନ୍ଦିର ସଭାପତି ମଧୁସୂଦନ ପାଣ୍ଡେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମନୋହର ପୁଞ୍ଜି, ରଘୁମଣି ବାଗ, ବିଜୟ ହଂସ, କର୍ନ୍ଦପ ମାହାର, ପଦ୍ମ ହଂସ, ପଦ୍ମଲାଲ ନିଆଲ, କ୍ଷୀରୋଦ୍ର ଚନ୍ଦନ, ରାଜନ ଥପା, ବିନୋଦ ବଗର୍ତ୍ତି, ଦିବ୍ୟ ହଂସ ଯୋଗଦେଇ ଯାଦବ ସମାଜର ସଂଗଠନ ମଜବୁତ, ଆର୍ଥିକ ସୁଦୃଢ଼ କରିବା ସହ ସମାଜରେ ନିଶା ଦ୍ରବ୍ୟ ବାରଣ ପାଇଁ ସଚେତନ କରିଥିଲେ। ପଞ୍ଚାୟତ ସମ୍ପାଦକ ଡୋଳାମଣି ଦୀପ ବାର୍ଷିକ ଆୟବ୍ୟୟ ପଠନ ସହ ଧନ୍ୟବାଦ ଦେଇଥିଲେ।

# ଧର୍ମପରାୟଣା ବୈଦେହୀଙ୍କ ପରଲୋକ



ପାଇକମାଲ, ୧୮।୧(ସମିସ): ପାଇକମାଲ ବ୍ଲକ ଝାରବନ୍ଧ ପଞ୍ଚାୟତ ମେନକାମୁଣ୍ଡା ଲୁହୁରେନବାହାଲି ଗାଁର ଜଣାଶୁଣା ସ୍ୱର୍ଗତ କୃଷ୍ଣଚନ୍ଦ୍ର ଧରୁଆଙ୍କ ଧର୍ମପତ୍ନୀ ବୈଦେହୀ ଧରୁଆ (୯୦)ଙ୍କ ନିଜ ବାସଭବନରେ ପରଲୋକ ହୋଇଛନ୍ତି। ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କର ପରଲୋକ ହୋଇଥିବା ବେଳେ ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ୫ ପୁଅ ଚୁଡାମଣି ଧରୁଆ, ସହଦେବ ଧରୁଆ, ମୋତିଲାଲ ଧରୁଆ, ମୁକୁନ୍ଦ ଧରୁଆ, ଅର୍ଜୁନ ଧରୁଆ, ପୁତ୍ରବଧୂ ଗୀତାଞ୍ଜଳୀ ପୁଟା ପୂର୍ବତନ ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଥିଲେ। ସମେତ ଝିଅ ଜ୍ୱାଇଁ, ନାତିନାତୁଣୀ ଓ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତା ବୈଦେହୀଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ ପୁଅ ଚୁଡାମଣି ମୁଖାଗ୍ନି ଦେଇଥିଲେ।

# ସର୍ବଭାରତୀୟ ବୋଡ଼ାସମ୍ବର କପ୍: ରାୟପୁର ଚାମ୍ପିଅନ

ପଦ୍ମପୁର, ୧୮।୧(ସମିସ)




ସ୍ଥାନୀୟ ଆର୍‌ବି ହାଇସ୍କୁଲ ପଡ଼ିଆରେ ଚାଲିଥିବା ୩୦ତମ ସର୍ବଭାରତୀୟ ବୋଡାସମ୍ବର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ କ୍ୟୁସିଆଇ ୱାରିଅର ରାୟପୁର ଓ ବାପୁଜୀ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାୟପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୯ ୱିକେଟ୍ ବିନିମୟରେ ୩୦୯ରନ୍ ସଂଗ୍ରହ କରିଥିଲା। ପ୍ରତି ଜବାବରେ ଭୁବନେଶ୍ୱର ଦଳ ୧୭.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୪ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଭୁବନେଶ୍ୱରର ଅତୁଲ ସିଂ ୪୯ରନ୍, ସିଦ୍ଧାନ୍ତ ଜେନା ୩୪ରନ୍ ସଂଗ୍ରହ କରିଥିଲେ। ସେହିପରି ରାୟପୁର ଦଳର ଅବଦୁଲ ଅନ୍ସ ଖାନ୍ ୧୨୩ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଭୁବନେଶ୍ୱର ଦଳର ପ୍ରୟାସ ସିଂ ଠାକୁର ୩ଟି ଇନିଂସ୍‌ରେ ଗୋଟିଏ ଶତକ ଓ ଅର୍ଦ୍ଧ ଶତକ ଶହ ମୋଟ୍ ୧୯୪ରନ୍ ଏବଂ ୫ ୱିକେଟ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ସିରିଜ ଘୋଷିତ ହୋଇଥିଲେ। ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ସମ୍ମାନିତ ଅତିଥି ଭାବେ ଖରିଆର୍ ବିଧାୟକ ଅଧିରାଜ୍ ପାଣିଗ୍ରାହୀ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇ ବିଜେତା ରାୟପୁର ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ନଗଦରାଶି ଓ ଉପ ବିଜେତା ଦଳକୁ ଟ୍ରଫି ସହ ୬୦ ହଜାର ଟଙ୍କା ନଗଦରାଶି ପ୍ରଦାନ କରିଥିଲେ। ଆଜିର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଆକର୍ଷଣରେ ରହିଥିଲେ ଆଲବମ୍ ଅଭିନେତ୍ରୀ ଜୟଶ୍ରୀ ଷଡଙ୍ଗୀ। କ୍ଲବ୍‌ର ସମ୍ପାଦକ ଭରତ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସଭାପତି ସୁନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ମ୍ୟାଚ୍‌କୁ ଚୁଡାମଣି ପାଢ଼ୀ ଓ ଅମିୟ ଭୂଷଣ ସାହୁ ପରିଚାଳନା କରିଥିବା ବେଳେ ଅମରେଶ ବେହେରା ଓ ରିଙ୍କୁ ବରିହା ସ୍କୋରର, ଦିବ୍ୟ ପଣ୍ଡା, ରୋହିଣୀ ପାଣ୍ଡେ ଓ ଆନନ୍ଦ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇ ଥିଲେ।

# ଗଞ୍ଜାମ ଜିଲ୍ଲାରେ 'ଶିଶୁଶ୍ରୀ'ର ଭ୍ରାମ୍ୟମାଣ ପାଠାଗାର

ବରଗଡ଼, ୧୮।୧(ସମିସ): ମୋବାଇଲ ମନସ୍କ ଶିଶୁ ଓ କିଶୋର ମାନଙ୍କୁ ପୁସ୍ତକ ମନସ୍କ କରାଇବାର ଲକ୍ଷ୍ୟ ନେଇ ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା କରୁଥିବା ବରଗଡ଼ର 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ଗତ ୧୨ ତାରିଖ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମ ପୁର ବ୍ଲକର ଅଙ୍ଗୁ ଗାଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମ ଆୟୋଜନ କରିଛି। 'ଶିଶୁଶ୍ରୀ'ର ଆବାହକ ଡ.ରବିନାରାୟଣ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଏ. ସନ୍ୟାସୀ ରାଓ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ସୀତାରାମ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ଯୋଗ ଦେଇଥିଲେ। ପୁସ୍ତକ କିପରି ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇ ଜୀବନର ଲକ୍ଷ୍ୟ ପୂରଣରେ ସହାୟକ ହେବା ସଙ୍ଗେ ସଂଗେ ସାଧାରଣକୁ ଅସାଧାରଣରେ ପରିଣତ କରିଥାଏ ତାହା ଉଦାହରଣ ଓ କାହାଣୀ ମାଧ୍ୟମରେ



କହିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ଶିକ୍ଷକ ଜଗନ୍ନାଥ ପାଢ଼ୀ, ଲୋକନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରଦର୍ଶିତ ପୁସ୍ତକ ମଧ୍ୟରୁ ମନୋନୀତ ପୁସ୍ତକ ଚୟନ କରି ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖି ଛାତ୍ରଛାତ୍ରୀଙ୍କ ମଧ୍ୟରୁ କଳ୍ପନା ମଣ୍ଡଳ, ସୁନେଲି ସେଠୀ, ରାଜେଶ୍ୱରୀ ରାଉଳ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଶେଷରେ ଶିକ୍ଷକ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

